# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24 January – 2026

******************************

## ମୁଖ୍ୟ ସମ୍ବାଦ

- ଦେଶର କୁଶଳୀ ଯୁବକମାନଙ୍କ ପାଇଁ ସୁଯୋଗ ଉନ୍ମୁକ୍ତ କରିବା ଲାଗି ସରକାର ପଦକ୍ଷେପ ନେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

– ବିଭିନ୍ନ ବିଭାଗର ୬୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ପ୍ରଦାନ କଲେ ନିଯୁକ୍ତିପତ୍ର

- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- ରାଜ୍ୟର ୧ ଲକ୍ଷ ୬୭ ହଜାର ଶିକ୍ଷକଙ୍କୁ ନୂତନ ପାଠ୍ୟକ୍ରମରେ ଦକ୍ଷ କରିବା ପାଇଁ ପ୍ରଶିକ୍ଷଣ ଦିଆଯିବ; ସୂଚନା ଦେଲେ କେନ୍ଦ୍ରଶିକ୍ଷା ମନ୍ତ୍ରୀ

ଏବଂ

- ମାଘସପ୍ତମୀ ଅବସରରେ ଆସନ୍ତାକାଲି ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କ ବୁଡ଼ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା; ଖଣ୍ଡଗିରିରେ ଆରମ୍ଭ ହେବ ମାଘ ମେଳା

Desk

# ପି.ଏମ୍. - ରୋଜଗାର ମେଳା

ସରକାର ଦେଶ ଏବଂ ବିଦେଶରେ ଯୁବପିଢ଼ିଙ୍କ ଲାଗି ନୂଆ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଉଦ୍ୟମରତ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦେଶର କୁଶଳୀ ଯୁବକମାନଙ୍କ ପାଇଁ ସୁଯୋଗ ଉନ୍ମୁକ୍ତ କରିବା ନିମନ୍ତେ ବିଭିନ୍ନ ଦେଶ ସହ ଭାରତ ବୁଝାମଣାପତ୍ର ସ୍ୱାକ୍ଷର କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଅଷ୍ଟାଦଶ ରାଷ୍ଟ୍ରୀୟ ରୋଜଗାର ମେଳାକୁ ଆଭାସୀ ଜରିଆରେ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଗତ ଦଶନ୍ଧୀ ମଧ୍ୟରେ ଦେଶର ଜିଡିପି ଦ୍ୱିଗୁଣିତ  ହୋଇଛି। ଏହି ଅଗ୍ରଗତି ଫଳରେ ଭାରତ ଅର୍ଥନୈତିକ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O - PM**

ପ୍ରଧାନମନ୍ତ୍ରୀ ଆଜି ସରକାରଙ୍କ ବିଭିନ୍ନ ବିଭାଗ ଓ ସଂସ୍ଥାରେ ୬୧ ହଜାରରୁ ଅଧିକ ନବ ନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି।

Desk

# ଇ.ସି.ଆଇ. – ଭୋଟର୍ସ ଡେ

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀରେ ଷୋଡ଼ଶ ଜାତୀୟ ମତଦାତା ଦିବସ ପାଳନ କରାଯିବ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେବେ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ମୋ ଭାରତ, ମୋ ଭୋଟ୍ : ଭାରତୀୟ

ଗଣତନ୍ତ୍ର ହୃଦୟରେ ନାଗରିକ” । ସମାରୋହରେ ନୂତନ ଭାବେ ଯୋଡ଼ା ହୋଇଥିବା ଯୁବ ଭୋଟରଙ୍କୁ ମତଦାତା ଫଟୋ ପରିଚୟ ପତ୍ର ପ୍ରଦାନ କରାଯିବ। ନିର୍ବାଚନ ପରିଚାଳନା ସଂକ୍ରାନ୍ତ ସର୍ବୋତ୍ତମ ପ୍ରଦର୍ଶନକାରୀଙ୍କୁ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯିବ। ପ୍ରଯୁକ୍ତିବିଦ୍ୟା, ନିର୍ବାଚନ ପରିଚାଳନା, ମତଦାତା ସଚେତନତା ସୃଷ୍ଟି କରିବା ଏବଂ ଗଣମାଧ୍ୟମର ବିଶେଷ ଭୂମିକା ଆଦି ବିଷୟ ଅନ୍ତର୍ଗତ ଏହି ପୁରସ୍କାର ପ୍ରଦାନ କରାଯିବ । ଆସନ୍ତାକାଲି ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ପଦଯାତ୍ରାର ମଧ୍ୟ ଆୟୋଜନ କରାଯିବ।

Desk

## ପ୍ରେଜ୍ - ଆଡ୍ରେସ୍ ଟୁ ନେସନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୭ତମ ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ। ଏହି ବାର୍ତ୍ତା ଆସନ୍ତାକାଲି ସନ୍ଧ୍ୟା ୭ଟାରେ ଆକାଶବାଣୀର ସମସ୍ତ ଜାତୀୟ ନେଟ୍‌ୱାର୍କ ଏବଂ ଦୂରଦର୍ଶନ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ରାଷ୍ଟ୍ରପତିଙ୍କ ଏହି ଅଭିଭାଷଣ ହିନ୍ଦୀ ଏବଂ ପରେ ପରେ ଇଂରାଜୀ ଭାଷାରେ ପ୍ରସାରିତ ହେବ । ଦୂରଦର୍ଶନର ବିଭିନ୍ନ ଆଞ୍ଚଳିକ ଚ୍ୟାନେଲ୍‌ରେ ସ୍ଥାନୀୟ ଭାଷାରେ ଏହାର ପ୍ରସାରଣ କରାଯିବ। ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍ ପରେ ଏହାର ଅନୁବାଦ ଆଞ୍ଚଳିକ ଭାଷାରେ ପ୍ରସାରିତ ହେବ ।

Desk

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ'ର ୧୩୦ତମ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

Desk

## ରାଷ୍ଟ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗନ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗସ୍ତ ଅବସରରେ ଶ୍ରୀ ମୁରୁଗନ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି।

Sambalpur

# ଧର୍ମେନ୍ଦ୍ର–ବୋଇଙ୍ଗ ଲାବ୍ରୋଟରୀ

ଜ୍ଞାନ ଓ ବିଜ୍ଞାନର ସମନ୍ୱୟରେ ରାଜ୍ୟର ଛାତ୍ରଛାତ୍ରୀମାନେ ସ୍ୱପ୍ନକୁ ବାସ୍ତବତାରେ ରୂପାନ୍ତର କରିବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଆଜି ବୋଇଙ୍ଗ୍ ସୁକନ୍ୟା ଷ୍ଟେମ୍ ଲାବ୍ରୋଟରୀର ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ଏହି ଲ୍ୟାବ୍ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ନୂତନ ଦିଗ ଦେଖାଇବ । ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଚିନ୍ତାଧାରା, ନବସୃଜନ, ଏରୋସ୍ପେଶ୍ ସମ୍ବନ୍ଧୀୟ ଶିକ୍ଷା ଏବଂ ପାଇଲଟ ହେବା ପାଇଁ ପ୍ରଶିକ୍ଷଣ ଦିଆଯିବ । ଆଗାମୀ ୧୦ ବର୍ଷ ମଧ୍ୟରେ ଦେଶର ବିମାନ ସଂଖ୍ୟା ୧୫ ହଜାରକୁ ବୃଦ୍ଧି ପାଇବ । ଏହି ଷ୍ଟେମ୍ ଲ୍ୟାବଗୁଡ଼ିକ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ କରାଯାଇଥିବା ବେଳେ ଆସନ୍ତା ଶିକ୍ଷାବର୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ । ଯାହା ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଉପରେ ଆଧାରିତ । ରାଜ୍ୟର ୧ ଲକ୍ଷ ୬୭ ହଜାର ଶିକ୍ଷକଙ୍କୁ ନୂତନ ପାଠ୍ୟକ୍ରମରେ ଦକ୍ଷ କରିବା ପାଇଁ ଏନ.ସି.ଆର୍.ଟି. ଏବଂ ଏ.ଆଇ.ଆଇ.ଟି. ମାଡ୍ରାସ ସାହାଯ୍ୟରେ ପ୍ରଶିକ୍ଷଣ ଦିଆଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

Desk

## ବକ୍ସି - ପୁଣ୍ୟତିଥି

ଓଡ଼ିଶାର ବୀର ସଂଗ୍ରାମୀଙ୍କ ସୌର୍ଯ୍ୟ ଓ ବୀରତ୍ୱର କାହାଣୀ ସର୍ବଭାରତୀୟ ସ୍ତରରେ ପ୍ରସାରିତ ହେବା ଆବଶ୍ୟକ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଖୋର୍ଦ୍ଧା ଜୟୀରାଜଗୁରୁ ଟାଉନ୍‌ହଲ୍‌ଠାରେ ଆଜି ଆୟୋଜିତ ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ଓଡ଼ିଶାର ବୀର ପୁରୁଷଙ୍କ ଗାଥାକୁ ଉତ୍ତରପିଢ଼ି ଜାଣିବା ନିହାତି ଜରୁରୀ। ସ୍ୱାଧୀନତା ସଂଗ୍ରାମୀରମାନଙ୍କର ବୀରତ୍ୱର କାହାଣୀ ପ୍ରସାରିତ ହେଲେ ଯୁବପିଢ଼ି ପ୍ରେରିତ ହେବେ। ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅଦ୍ୟମ ସାହସର ଜ୍ୱଳନ୍ତଗାଥା। ବ୍ରିଟିଶ ବିରୁଦ୍ଧରେ ଦେଶରେ ପ୍ରଥମ ସଂଗଠିତ ସଶସ୍ତ୍ର ସଂଗ୍ରାମର ବକ୍ସି ଜଗବନ୍ଧୁ ମଙ୍ଗ ଧରିଥିଲେ ବୋଲି ଆଇନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

Puri

## ମାଘସପ୍ତମୀ ବୁଡ଼

କୋଣାର୍କ ଚନ୍ଦ୍ରଭାଗାଠାରେ ପ୍ରସିଦ୍ଧ ମାଘସପ୍ତମୀ ବୁଡ଼ ଆସନ୍ତାକାଲି ଅନୁଷ୍ଠିତ ହେବ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ସ୍ନାନ ଓ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ ଆଜି ଚନ୍ଦ୍ରଭାଗା ନିକଟରେ ପୁଲିସ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଦିନ ୧୨ଟାରୁ ଆସନ୍ତାକାଲି ସକାଳ ୧୧ଟା ପର୍ଯ୍ୟନ୍ତ

କୋଣାର୍କର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ୩୩ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ୬ ଜଣ ଅତିରିକ୍ତ ଏସ.ପି., ୨୦ ଜଣ ଡି.ଏସ୍.ପି. ଓ ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଭୁବନେଶ୍ୱର ଖଣ୍ଡଗିରି ମେଳା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

Nayagarh

## କୃଷି ସିଞ୍ଚାଇ ଯୋଜନା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ବାଣୀଗୋଛା ପଞ୍ଚାୟତର ଟାକୁଡ଼ା ଗ୍ରାମରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପକ୍ଷରୁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା–୨.୦ ଓ ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଆଇ.ସି.ଆର୍'ର ବୈଜ୍ଞାନିକ ଡକ୍ଟର ଧ୍ରୁବଚରଣ ସାହୁ ପ୍ରମୁଖ ଯୋଗଦେଇ ଜଳବିଭାଜିକା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଫଳ ଚାଷୀ, ଜଳବିଭାଜିକା ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

Ganjam

## ଜନଅଭିଯୋଗ ଶୁଣାଣି

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଏକକାଳୀନ ଅଦାଲତ ଶିବିର ଓ ଜନଅଭିଯୋଗ ଶୁଣାଣି ଆସନ୍ତା ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ଓ

ସଦସ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବେ।

Nayagarh

## ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ରଘୁନାଥ ବିଦ୍ୟାପୀଠରେ ଆୟୋଜିତ ସଭାରେ ଦ୍ରୁତଗତିରେ ଗାଡ଼ି ଚାଳନା, ହେଲମେଟ୍ ବ୍ୟବହାର, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ ଛାତ୍ରଛାତ୍ରୀ, ର୍ମଚାରୀ ଯୋଗ ଦେଇଥିଲେ।

Balangir

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ

ବଲାଙ୍ଗୀରର ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ତଥା ଆକାଶବାଣୀ ଓ ଦୂରଦର୍ଶନର ସମ୍ବାଦଦାତା ରାମକୁମାର ଅଗ୍ରୱାଲଙ୍କର ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

Nayagarh(2)/Nuapada

## ପିଏମ୍‌ଶ୍ରୀ ଉତ୍ସବ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ପିଏମ୍‌ଶ୍ରୀ ଉତ୍ସବ ପାଳନ କରାଯାଇଛି। ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ତିରପୁତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦୂର ଶିକ୍ଷା ନିର୍ଦ୍ଦେଶାଳୟର

ଉପନିର୍ଦ୍ଦେଶକ ଡକ୍ଟର ଭାରତ ଭୂଷଣ ରଥ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

........

ନୂଆପଡ଼ା ଜିଲ୍ଲା ପାତାଳଗଙ୍ଗା ଲୋକ ମହୋତ୍ସବ ଲୋକକଳା ଓ ଲୋକ ସଂସ୍କୃତିର ମହାମିଳନ ବୋଲି କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ କହିଛନ୍ତି ।

.......

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ସଭାଗୃହରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଏଥିରେ ନିରପେକ୍ଷ ମତଦାନ କରିବା ପାଇଁ ଛାତ୍ରଛାତ୍ରୀ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ ।

Desk

## କନ୍ୟା ଦିବସ

ଦେଶର କନ୍ୟାମାନଙ୍କ ସଶକ୍ତୀକରଣ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସମାନତା ସୁନିଶ୍ଚିତ କରିବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ କନ୍ୟା ଦିବସ ପାଳନ କରାଯାଉଛି ।  ଚଳିତ ବର୍ଷ ଜାତୀୟ କନ୍ୟା ଦିବସର ବାର୍ତ୍ତା ରହିଛି **'ସ୍ଥାୟୀ ଭବିଷ୍ୟତ ପାଇଁ କନ୍ୟାରତ୍ନଙ୍କ ସଶକ୍ତିକରଣ'** ।

୨୦୦୮ ମସିହାରେ ପ୍ରଥମଥର ପାଇଁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ କନ୍ୟା ଦିବସ ପାଳନ କରାଯାଇଥିଲା।

Subarnpur

## କ୍ରିକେଟ

ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମା ଗାନ୍ଧୀ ପଡ଼ିଆଠାରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ କପ୍ ଓ ଆଜିର ମ୍ୟାଚ୍‌ରେ ସୁନ୍ଦରଗଡ଼ର ନବଜୀବନ କ୍ରିକେଟ କ୍ଲବ ବିଜୟୀ ହୋଇ ଦ୍ୱିତୀୟ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସୁନ୍ଦରଗଡ଼ ଦଳ ରାଞ୍ଚିର ରାଇଜିଂ ଷ୍ଟାର୍‌କୁ ୧ ଓ୍ୱିକେଟରେ ପରାସ୍ତ କରିଛି।